ଧରିତ୍ରୀ
DHARITRI
ଶନିବାର, ୨୯ ଜୁନ , ୨୦୧୯



## ସଂକ୍ଷେପରେ

### ବସ୍‌ଷ୍ଟାଣ୍ଡରେ ମିଳୁନି ପାଣି

ତାଳଚେର,୨୮।୬(ନି.ପ୍ର.): ତାଳଚେର ବସ୍‌ଷ୍ଟାଣ୍ଡକୁ ପୌର ପରିଷଦ ପକ୍ଷରୁ ସଂଯୋଗ କରାଯାଇଥିବା ପାଇପ୍ ପାଣି ୩ ଦିନ ହେଲା ବନ୍ଦ ରହିଛି। ଫଳରେ ପିଇବାକୁ ପାଣି ନ ପାଇ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ବ୍ୟବସାୟୀ ଓ ଯାତ୍ରୀମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପୌରପରିଷଦକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରାଯିବାକୁ ବଣିକ ସଂଘ ସଭାପତି ରଶ୍ମିକାନ୍ତ ବେହେରା ଦାବି କରିଛନ୍ତି।

### ୩୪ ୟୁନିଟ୍ ରକ୍ତ ସଂଗ୍ରହ



ତାଳଚେର,୨୮।୬(ନି.ପ୍ର.): ଏମ୍‌ସିଏଲ୍‌ର ଏଠାରେ ଥିବା ଖନନ ଓ ଉତ୍‌ଖନନ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଏକ ରକ୍ତ ଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ନୀଳମଣି ସିହ୍ନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତ ଭଣ୍ଡାର ଅଧିକାରୀ ଡା. ଅଶୋକ ପ୍ରଧାନ ନିଜେ ରକ୍ତଦାନ କରିକକବା ସହ କର୍ମଚାରୀଙ୍କ ସହିତ ମିଶି ରକ୍ତ ସଂଗ୍ରହ କରିଥିଲେ। କମିଟି ଅଧକ୍ଷ ରାଜେନ୍ଦ୍ର ନାରାୟଣ ପଣ୍ଡା, ଦିବାକର ମାଝି, ବଳମନ୍ତ ସାହୁ, ଅରୁଣ କୁମାର ଦାସ, ବଳରାମ ପତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ଚେନ୍ ଲୁଟେରା ଗିରଫ

ତାଳଚେର, ୨୮।୬(ନି.ପ୍ର.): ତାଳଚେର ପୋଲିସ ସୁନା ଚେନ୍ ଲୁଟେରା କମଳ ଲୋଚନ ମହାପାତ୍ରଙ୍କୁ ଗୁରୁବାର ରାତିରେ ଗିରଫ କରିଛି। ଅନୁଗୋଳ ଜିଲା ଖମାର ଅଞ୍ଚଳର କମଳ ଲୋଚନ ପ୍ରଧାନ ଜୁନ ୨୪ ତାରିଖ ସନ୍ଧ୍ୟାରେ ସ୍ତ୍ରୀଙ୍କୁ ନେଇ ବାଇକ୍‌ରେ ଯାଉଥିବାବେଳେ ଅଭିଯୁକ୍ତ ଏକ ବାଇକ୍‌ରେ ଆସି ତାଙ୍କ ସ୍ତ୍ରୀଙ୍କଠାରୁ ଚେନ ଝାମ୍ପି ନେଇଥିଲେ। ତାଳଚେର ପୋଲିସ ଥାନାରେ ନଂ. ୧୫୭/୧୯ରେ ମାମଲା ରୁଜୁ କରିଥିଲା। ଗୁରୁବାର ରାତିରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୁନା ଚେନ୍ ମଧ ଜବତ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ଢେଙ୍କାନାଳ ଜିଲା କାମାକ୍ଷାନଗରଠାରେ ଯଶୋବନ୍ତ ପରିଡ଼ା ନାମକ ବ୍ୟକ୍ତିଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ତାଳଚେର ଥାନା ଆଇଆଇସି ସୌଭାଗ୍ୟ କୁମାର ପରିଡ଼ା ସୂଚନା ଦେଇଛନ୍ତି।

### କୁମ୍ଭୀର ଆକ୍ରମଣରେ ୨ ଆହତ

ବନ୍ତଳା, ୨୮।୬(ଡି.ଏନ.ଏ.): ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟିକରପଡା କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ର ପୁଲ୍‌ରେ ଏକ କୁମ୍ଭୀର ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। କୁମ୍ଭୀରଟି ଅସୁସ୍ଥ ଥିବାରୁ ଶୁକ୍ରବାର ଅପରାହ୍ନରେ ପୁଲ୍‌ରୁ ପାଣି ନିଷ୍କାସନ କରାଯାଇ ଏହାକୁ ଇଞ୍ଜେକ୍‌ସନ ଦିଆଯାଉଥିଲା। ସେହି ସମୟରେ ହଠାତ୍ କୁମ୍ଭୀରଟି କର୍ମଚାରୀ ପୁରୁଷୋତ୍ତମ ନାଏକ ଓ ପ୍ରକାଶ ନାଏକଙ୍କୁ ଆକ୍ରମଣ କରିଥିଲା। ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକ ତୁରନ୍ତ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଏହି ଅଣ୍ଡିରା ଘଡ଼ିଆଳଟି ଦୀର୍ଘ ଦିନ ହେଲା ଅସୁସ୍ଥ ଥିବା ଜଣାପଡିଛି।

### ଘର ଭାଙ୍ଗି ଧାନ, ଚାଉଳ ଖାଇଗଲେ ହାତୀ

କଣିହାଁ, ୨୮।୬(ଡି.ଏନ.ଏ.): କଣିହାଁ ବ୍ଲକ ରେଙ୍ଗାଳି ଫରେଷ୍ଟ ଅଞ୍ଚଳର କୁଲୁମା ପଞ୍ଚାୟତରେ ହାତୀ ଉପଦ୍ରବ ଲାଗିରହିଛି। ହାତୀପଲ ଜନବସତି ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଗୁରୁବାର ରାତିରେ ଏକ ହାତୀ ଦଳ ଖୁଣ୍ଟୋ ଗ୍ରାମର ବିମ୍ବାଧର ବେହେରାଙ୍କ ଚାଳଘର ଭାଙ୍ଗିବା ସହ ଘରେ ଥିବା ୩ ବସ୍ତା ଧାନ, ୨ ବସ୍ତା ଚାଉଳ ଖାଇଦେଇଛନ୍ତି। ଏଥିଯୋଗୁ ବିମ୍ବାଧର ପରିବାର ପ୍ରତିପୋଷଣକୁ ନେଇ ଚିନ୍ତାରେ ପଡିଛନ୍ତି। ତୁରନ୍ତ ବିଭାଗ ପକ୍ଷରୁ ହାତୀ ଘଉଡାଯିବା ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ରେଞ୍ଜର ପ୍ରତାପ ଚନ୍ଦ୍ର ରାଉଳଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ। ହାତୀ ଘଉଡାଯିବା ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

■ରାଜପଥରେ ବେପରୁଆ ଗାଡ଼ି ଚାଳନା

# ଓଲଟିଲା ନାଇଟ୍ କୋଚ୍ ବସ୍

ଅନୁଗୋଳ ଅଫିସ/ବଅଁରପାଳ,୨୮।୬

■୧୫ ଆହତ, ୬ ଗୁରୁତର କଟକ ସ୍ଥାନାନ୍ତର

■ଫୋନ ଉଠାଇଲାନି ଅନୁଗୋଳ ଅଗ୍ନିଶମ ସଂସ୍ଥା

■ସହାୟତା କଲାନି ସ୍ମେଲଟର ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ



ଅନୁଗୋଳ ଜିଲା ବଅଁରପାଳ ଥାନା ୫୫ ନମ୍ବର ଜାତୀୟ ରାଜପଥର ବନ୍ଧା ଓଭରବ୍ରିଜ୍ ନିକଟରେ ଶୁକ୍ରବାର ଭୋର ସମୟରେ ଘଟିଛି ଦୁର୍ଘଟଣା। ଝାରସୁଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଦିଲ୍‌ଖୁସ୍ ନାମକ ବସ୍ (ନଂ. ଓଡି୦୨ସି-୧୮୯୭) ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ୬ଜଣ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୯ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବୁଢ଼ାପଙ୍କ ଅଗ୍ନିଶମ ସଂସ୍ଥା ଓ ପୋଲିସ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରୁ ଗୁରୁତର ଥିବା ବସ୍ ଚାଳକ ପ୍ରଭାକର ସାହୁ, ଯାତ୍ରୀ ସୁନାକର ନାୟକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅନ୍ୟ ୪ ଗୁରୁତର ସୁଦାମ ଚରଣ ମଲ୍ଲିକ, ରସବତୀ କେର୍କେଟା, ତାଙ୍କ ପୁଅ ଅମୀୟ କେର୍କେଟା, ଝିଅ ଅଲିଭା କେର୍କେଟା ମଧ କଟକ ଯାଇଛନ୍ତି।

ଆହତ ଯାତ୍ରୀଙ୍କ କହିବା ଅନୁଯାୟୀ, ଚାଳକ ବେପରୁଆ ଭାବେ ଗାଡ଼ି ଚଳାଉଥିଲେ। ଓଭରବ୍ରିଜ୍ ପାଖରେ ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରୁଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ଗଛରେ ପିଟି ହୋଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଭୋର୍ ସମୟରେ ଯାତ୍ରୀମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖବର ସଂଗ୍ରହ ପାଇଁ ପହଞ୍ଚିଥିବା 'ଧରିତ୍ରୀ' ପ୍ରତିନିଧି ମଧ ସହାୟତା କରିଥିଲେ। ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଥମେ ଅନୁଗୋଳ ଅଗ୍ନିଶମ ସଂସ୍ଥାର ୧୦୧ ନମ୍ବରକୁ ଯୋଗାଯୋଗ କରାଯାଇଥିଲା। ହେଲେ କୌଣସି କର୍ମଚାରୀ ଫୋନ ଉଠାଇ ନ ଥିଲେ। ଏହାପରେ ଲ୍ୟାଣ୍ଡଲାଇନ ନମ୍ବରରେ ଫୋନ କରାଯାଇଥିଲା। ଦୀର୍ଘ ସମୟ ଧରି ରିଙ୍ଗ୍ ହେଉଥିଲେ ମଧ କେହି ଫୋନ ଉଠାଇ ନ ଥିଲେ। ଏହାପରେ ନାଲ୍‌କୋ ସ୍ମେଲଟର ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ପ୍ଲାଣ୍ଟ ବାହାରେ ଦୁର୍ଘଟଣା ଘଟିଥିବାରୁ ଉଦ୍ଧାର କାର୍ଯ୍ୟ କରିପାରିବୁ ନାହିଁ ବୋଲି ଉତ୍ତର ମିଳିଥିଲା। ପରେ ବଅଁରପାଳ ଥାନା ଆଇଆଇସି କନକ କୁମାର ମାଝି, ଏଏସ୍‌ଆଇ ଉଦୟ ବେହେରା, ବୁଢ଼ାପଙ୍କ ଅଗ୍ନିଶମ ଅଧିକାରୀ ନନ୍ଦକିଶୋର ସାମଲ, କରୁଣାକର ସାମଲ, ସାମାଜିକ କର୍ମୀ ଶଶାଙ୍କ ଶେଖର ସାମଲ, ଦୀପକ କୁମାର ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସାମାଜିକକର୍ମୀ ପ୍ରତାପ ମହାପାତ୍ର ଓ ସହଯୋଗୀମାନେ ମଧ ସହାୟତା କରିଥିଲେ।



ଆହତମାନଙ୍କୁ ଉଦ୍ଧାର ସହ ଅନୁଗୋଳ ମେଡିକାଲରେ ଚିକିତ୍ସା କରାଯାଉଛି।

## ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା



ଅନୁଗୋଳ ଅଫିସ, ୨୮।୬

ଅନୁଗୋଳ ସହର ପଶ୍ଚିମ ବଜାରପଡ଼ା ଠାରେ ଦୀର୍ଘ ଦିନ ହେବ ଜବରଦଖଲରେ ଥିବା ଏକ କ୍ଲବ ଘରକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ସମୟରେ ସ୍ଥାନୀୟ ଲୋକ ଓ କ୍ଲବ ସଦସ୍ୟଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଅନୁଗୋଳ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛେଦ କରାଯାଇଥିବା ଘଟଣାସ୍ଥଳରେ ଉପସ୍ଥିତ ମାଜିଷ୍ଟ୍ରେଟ ପତିତପାବନ ଦେବତା ସୂଚନା ଦେଇଥିଲେ। ମାଜିଷ୍ଟ୍ରେଟଙ୍କ ସହ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ, ପୋଲିସ, ପୌର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ପଶ୍ଚିମ ବଜାରପଡ଼ାରେ ବାସକରୁଥିବା ଜଣେ ବ୍ୟକ୍ତିଙ୍କ ଯିବା ଆସିବା ରାସ୍ତାକୁ ଉକ୍ତ କ୍ଲବ ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ତେବେ ପ୍ରଶାସନ ଜାଣି ଶୁଣି କ୍ଲବ ଭାଙ୍ଗିବାକୁ ଉଦ୍ୟମ କରିଥିବା କ୍ଲବ ସଦସ୍ୟମାନେ ଅଭିଯୋଗ କରିଛନ୍ତି।

## ଅବକାରୀ ଚଢ଼ାଉ, ୭ ଗିରଫ

ବଇଣ୍ଡା,୨୮।୬(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇ ୬୫ ଲିଟର ଦେଶୀ ମଦ କରାଯାଇଛି। ଏଥିରେ ତଲେଇପଥର ଗ୍ରାମର ଅଇଁଠା ପ୍ରଧାନ, ଛବି ପ୍ରଧାନ, ରୁନି ଭୋଇ, ପାଇକସାହି ଗ୍ରାମର ତୀର୍ଥ ମାଝି, ସଞ୍ଜୟ ପ୍ରଧାନ, କୁଶ ପ୍ରଧାନ, ସାହାବାଣୀ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏମାନେ ବେଆଇନ ଭାବେ ଘରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ଉପ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ କୁମାର ଚାଉଳିଆ, ଏମ୍‌ଡି ଜାକିର ହୁସେନ, ହରିହର ପରିଡ଼ା, ମନୋଜ ବେହେରା, ସଞ୍ଜୁକ୍ତା ସାହୁ ପ୍ରମୁଖ ଚଢାଉ କରିଥିଲେ।

■ପୂରଣ ହେଉନି ଅଭିଭାବକ ସଂଘର ୩ ଦଫା ଦାବି

## ଥର୍ମାଲ ଡିଏଭି ସ୍କୁଲ ଫାଟକରେ ତାଲା



ଅଭିଭାବକ ସଂଘ ପକ୍ଷରୁ ସ୍କୁଲ ଗେଟ୍‌ରେ ତାଲା ପକାଇ ଦିଆଯାଇଛି।

ତାଳଚେର, ୨୮।୬(ନି.ପ୍ର.)

୩ଦଫା ଦାବିନେଇ ଶୁକ୍ରବାର ଅଭିଭାବକ ସଂଘ ପକ୍ଷରୁ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ଡିଏଭି ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଦିଆଯାଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି। ସ୍କୁଲ ଅଧକ୍ଷଙ୍କୁ ତୁରନ୍ତ ବଦଳି କରାଯିବା, ବର୍ଦ୍ଧିତ ଫି ପ୍ରତ୍ୟାହାର ଓ ଅଭିଭାବକମାନଙ୍କ ଅଭିଯୋଗର ସମାଧାନ କରାଯିବା ସମ୍ପର୍କରେ ଅଭିଭାବକ ସଂଘ ପୂର୍ବରୁ ବାରମ୍ବାର ଦାବି କରି ଆସିଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବରଂ ଫି ବୃଦ୍ଧି ଜାରି ରହିଥିଲା। ଏହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୬ଟାରେ ସମସ୍ତ ଅଭିଭାବକ ସ୍କୁଲ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଭାପତି ସଞ୍ଜୀବ ପଟ୍ଟନାୟକ ଓ ସମ୍ପାଦକ ବିସ୍ମୟ ଦାସ ପ୍ରକାଶ କରିଛନ୍ତି। ଅପରାହ୍ନରେ ସମସ୍ୟାର ସମାଧାନ ନିମନ୍ତେ ଥର୍ମାଲ ଗେଷ୍ଟ ହାଉସ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଟିପିସି କର୍ତ୍ତୃପକ୍ଷ, ପ୍ରଶାସନିକ ଅଧିକାରୀ ଓ ଅଭିଭାବକମାନେ ଯୋଗ ଦେଇ ଥିଲେ। କିନ୍ତୁ ବୈଠକରେ କୌଣସି ସମାଧାନ ହୋଇ ପାରି ନ ଥିଲା। ଅଧକ୍ଷଙ୍କୁ ବଦଳି କରା ନ ଯିବା ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବ ନାହିଁ ବୋଲି ଅଭିଭାବକ ସଂଘ ପକ୍ଷରୁ କୁହାଯାଇଛି।

■୪ ଦିନ ହେଲା ପଲିଥିନ ଚଢ଼ାଉ ଜାରି

## ୨୫ ହଜାର ଜରିମାନା ଆଦାୟ



ଫଳ ଦୋକାନରୁ ପଲିଥିନ ଜବତ କରାଯାଇଛି।

ଅନୁଗୋଳ ଅଫିସ, ୨୮।୬

ଅନୁଗୋଳ ପୌରପାଳିକା ପକ୍ଷରୁ ୪ ଦିନ ହେଲା ପଲିଥିନ ଯାଞ୍ଚ ପାଇଁ ବିଭିନ୍ନ ଦୋକାନରେ ଚଢ଼ାଉ ଜାରି ରହିଛି। ଏଥିସହ କେତେଜଣ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଗତ ୪ ଦିନରେ ପୌରପାଳିକା ୫୦ କିଲୋଗ୍ରାମରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରିବା ସହ ୨୫ ହଜାର ୨୫୦ଟଙ୍କା ଜରିମାନା ଆଦାୟ କରି ଥିବା ଜଣାପଡ଼ିଛି। ଚଢ଼ାଉ ଯୋଗୁ ପୌରାଞ୍ଚଳରେ ଥିବା ପଲିଥିନ ଗୋଦାମଗୁଡ଼ିକୁ ବ୍ୟବସାୟୀମାନେ ଚାଲାକ କରି ପୌରପରିଷଦ ବାହାରକୁ ନେଇଯାଇଥିବା ଜଣାପଡିଛି। ସେହିପରି ଆଉ କେତେକ ଦୋକାନୀ ଲୁଚାଚୋରାରେ ପଲିଥିନ ବ୍ୟବହାର କରୁଛନ୍ତି। ଅନୁଗୋଳ ସହରରେ ଥିବା ଫଳ ଦୋକାନ, ସାପ୍ତାହିକ ହାଟ, ମାଛ ମାର୍କେଟ ଓ ପଲିଥିନ ଗୋଦାମରେ ପୌର କର୍ତ୍ତୃପକ୍ଷ ଅତର୍କିତ ଚଢ଼ାଉ କରି ପଲିଥିନ ଜବତ କରୁଛନ୍ତି। ଚେତାବନୀ ଦେବା ପରେ ମଧ ସୁଧୁରୁ ନ ଥିବା କେତେକ ଛୋଟ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଶୁକ୍ରବାର ପୌରପାଳିକା ପକ୍ଷରୁ ସହରରେ ଥିବା ବିଭିନ୍ନ ଫଳ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଇଥିଲା। ଏଥିରେ ୫ କିଲୋଗ୍ରାମ ପଲିଥିନ ସହ ୫ ହଜାର ୭ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୌରନିର୍ବାହୀ ଯନ୍ତ୍ରୀ ସିମାଞ୍ଚଳ ମିଶ୍ର ସୂଚନା ଦେଇଛନ୍ତି।

■ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟରେ ଉତ୍ତେଜନା ଜାରି

## ଭଙ୍ଗାଗଲା ଆଲମିରା, ବାହାରିଲାନି ପ୍ରଶ୍ନପତ୍ର

ତାଳଚେର, ୨୮।୬(ନି.ପ୍ର.)

■ଉପଜିଲାପାଳଙ୍କ ଅଫିସ ଘେରିଲେ ଛାତ୍ରୀ

■ଜିଲାପାଳଙ୍କୁ ଭେଟିବାକୁ ଗଲେ ପ୍ରତିନିଧିଦଳ

ତାଳଚେରସ୍ଥିତ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କ ପ୍ରାକ୍ଟିକାଲ ପରୀକ୍ଷା ହୋଇ ନ ପାରିବା ନେଇ ଗୁରୁବାରଠାରୁ ଦେଖାଦେଇଥିବା ଉତ୍ତେଜନା ଶୁକ୍ରବାର ମଧ ଜାରି ରହିଛି। ଛାତ୍ରୀମାନେ ସକାଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଲେଜ ଅଫିସ ଆଲମିରା ଭଙ୍ଗାଯାଇଥିଲା। ହେଲେ ସେଥିରୁ ପ୍ରଶ୍ନପତ୍ର ବାହାରି ନ ଥିଲା। ଫଳରେ ଘଟଣାର ସମାଧାନ ହୋଇ ନ ପାରିବାରୁ କଲେଜ ପକ୍ଷରୁ ଏକ ଟିମ୍ ଜିଲାପାଳଙ୍କୁ ଭେଟିବାକୁ ଅନୁଗୋଳ ଯାଇଥିବା ଜଣାପଡ଼ିଛି।

ପୂର୍ବାହ୍ନରେ ଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ସେମାନେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବସି ରହିଥିଲେ। ପରେ ଉପଜିଲାପାଳ ଛାତ୍ରୀମାନଙ୍କ ଏକ ପ୍ରତିନିଧିଙ୍କୁ ଡାକି ଆଲୋଚନା କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଲେଜ ଅଫିସ ଆଲମିରା ଏବଂ ଲକର ଭଙ୍ଗାଯାଇ ପ୍ରଶ୍ନପତ୍ର ବାହାର କରାଯିବ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଏଥିରେ ଛାତ୍ରୀମାନେ ସନ୍ତୁଷ୍ଟ ହୋଇ ନ ଥିଲେ। ମାଜିଷ୍ଟ୍ରେଟ ପ୍ରଥମେ କଲେଜକୁ ଗଲା ପରେ ସେମାନେ ଯିବେ ବୋଲି ଅଡି ବସିଥିଲେ। ଶେଷରେ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ଗୌରୀ ନାଏକ ଓ ପୋଲିସ କଲେଜରେ ପହଞ୍ଚି ଅଧକ୍ଷାଙ୍କ ଅଫିସ ରୁମ, ୨ଟି ଆଲମିରା ଓ ଲକର ଭାଙ୍ଗିଥିଲେ। କିନ୍ତୁ ଲକର ମଧ୍ୟରୁ ପ୍ରଶ୍ନପତ୍ର ମିଳି ନ ଥିଲା। ଫଳରେ ସମସ୍ୟାର ସମାଧାନ ପାଇଁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଆଲୋଚନା ନିମନ୍ତେ କଲେଜର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିବାକୁ ଅନୁଗୋଳକୁ ଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସହକାରୀ ଜିଲାପାଳ କହିଛନ୍ତି, ଆଲମିରା ଓ ଲକର ଭଙ୍ଗା ଯାଇଥିଲା। ହେଲେ ସେଥିରୁ ପ୍ରଶ୍ନପତ୍ର ମିଳି ନାହିଁ।



ଛାତ୍ରୀମାନେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବସି ରହିଛନ୍ତି।



କଲେଜ ଅଫିସ ତାଲା ଭଙ୍ଗାଯାଉଛି।

## ସଂକ୍ଷେପରେ

### ଜିଲ୍ଲାକୁ କୁପୋଷଣ ମୁକ୍ତ କରିବାକୁ ଶପଥ

ବନ୍ତଲା, ୨୮।୬ (ଡି.ଏନ୍.ଏ.)- ଅନୁଗୋଳ ପୁଷ୍ଟି ଅଧିକାର ଅଭିଯାନ (ଏପିଏଏ) ପକ୍ଷରୁ ପୁରୁଣାକୋଟଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନନ୍ତ ବାସୁଦେବ ମହାନ୍ତି ଯୋଗଦେଇ ପୁଷ୍ଟିକର ଖାଦ୍ୟ ସମସ୍ତଙ୍କ ଅଧିକାର ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ଗ୍ରାମବାସୀ ତଥା ମହିଳାମାନେ କୁପୋଷଣ ବିରୋଧରେ ଲଢ଼ିବା ପାଇଁ ଶପଥ ନେଇଥିଲେ। ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ପାଲଲହଡ଼ାର ଡିମିରି ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ରୁକୁଣୀ ସାହୁ ଯୋଗଦେଇ ଆଗାମୀ ଦିନରେ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲାର କଣିହାଁ, ଛେଣ୍ଡିପଦା, ପାଲଲହଡ଼ା ଓ ଅନୁଗୋଳ ବ୍ଲକର ୨୧ଟି ପଞ୍ଚାୟତରେ ଅନୁଗୋଳ ପୁଷ୍ଟି ଅଧିକାର ଅଭିଯାନ (ଏପିଏଏ) ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତିରାଜ ଅନୁଷ୍ଠାନର ଅଧିକାରୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ, ଅଙ୍ଗନୱାଡ଼ି, ଆଶାକର୍ମୀ ଓ ଏଏନ୍ଏମ୍ମାନେ ଯୋଗଦେଇ ପୁଷ୍ଟିକର ଖାଦ୍ୟ ଗ୍ରହଣ ଓ ଏ ସମ୍ପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ସ୍ୱତନ୍ତ୍ର ଗ୍ରାମସଭା କରାଯାଇ ପୁଷ୍ଟି ଅଧିକାର ସମ୍ପର୍କରେ ବ୍ୟାପକ ଆଲୋଚନା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନୁଗୋଳ ଜିଲାରେ ୫ ବର୍ଷରୁ କମ୍ ୩୧.୮ ପ୍ରତିଶତ ଶିଶୁଙ୍କ ସ୍ୱଳ୍ପ ବୃଦ୍ଧି ଓ ୩୫.୩ ପ୍ରତିଶତ ଶିଶୁଙ୍କ କମ୍ ଓଜନ ସମସ୍ୟା ଉଦବେଗଜନକ ରହିଥିବାରୁ ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

### ବିତ୍ତୀୟ ସାକ୍ଷରତା ସଚେତନତା ଶିବିର

ଛେଣ୍ଡିପଦା,୨୮।୬(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମ ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଆନୁକୂଲ୍ୟରେ ଶୁକ୍ରବାର ବିତ୍ତୀୟ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗାପୁର ହାଇସ୍କୁଲ ପରିସରରେ ଆୟୋଜିତ ଏହି ଶିବିରରେ ଶାଖା ପରିଚାଳକ ପ୍ରଦୀପ କୁମାର ମିଶ୍ର ଯୋଗ ଦେଇ ଶିବିରର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ସମବାୟ ସମିତି ସଭାପତି ଲମ୍ବୋଦର ସାହୁ, ସହକାରୀ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ, ଶିକ୍ଷୟିତ୍ରୀ ମଞ୍ଜୁବାଳା ଶତପଥୀ, ବ୍ୟାଙ୍କମିତ୍ର ବନିତା ବେହେରା ପ୍ରମୁଖ ଯୋଗ ଦେଇ ବ୍ୟାଙ୍କ କାରବାର ନେଣଦେଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ସଚେତନ ରହିବା ସହ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ବ୍ୟକ୍ତିଗତ ତଥ୍ୟ ଅନ୍ୟ କାହାକୁ ନ ଦେବା ପାଇଁ ପରାମର୍ଶ ଦେଇଥିଲେ।

■୮ରେ ମା' ହିଙ୍ଗୁଳାଙ୍କ ରତ୍ନମୁଦ ଉତ୍ସବ

# ଏକ ଲକ୍ଷ ଭକ୍ତଙ୍କ ହେବ ସମାଗମ

ତାଳଚେର,୨୮।୬(ନି.ପ୍ର.)

ଆଗାମୀ ଜୁଲାଇ ୮ ହେରା ପଞ୍ଚମୀ ଦିନ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନବନିର୍ମିତ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ପରେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ବୈଠକରେ ଯୋଗ ଦେଇଥିଲେ।

ଏହି ରତ୍ନମୁଦ ଉତ୍ସବରେ ପ୍ରାୟ ଏକ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଜିଲାର ସମସ୍ତ ଅଞ୍ଚଳରୁ ୩୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଏଥିରେ ଯୋଗ ଦେବେ। ଏହାସହିତ ଅନୁଗୋଳ ଓ ଢେଙ୍କାନାଳ ଜିଲାର ପ୍ରତ୍ୟେକ ଗ୍ରାମର ସଭାପତି, ସମ୍ପାଦକ, ଗ୍ରାମବାସୀ, ଅଞ୍ଚଳର ସମସ୍ତ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା, ବ୍ୟବସାୟୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଉତ୍ସବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ପ୍ରାୟ ଏକ ଲକ୍ଷ ଭକ୍ତଙ୍କ ପାଇଁ ତାଳଚେର ବିଧାୟକ ଅନ୍ନପ୍ରସାଦର ବ୍ୟବସ୍ଥା କରିବାକୁ ସହମତି ପ୍ରକାଶ କରିଥିଲେ। ମା'ଙ୍କ ମନ୍ଦିର ନିକଟରେ ତିନୋଟି ଜାଗାରେ ଟେଣ୍ଟ କରିବାକୁ ଏମ୍‌ସିଏଲ୍‌ର ହିଙ୍ଗୁଳା ଓ ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ସହମତି ପ୍ରଦାନ କରିଛନ୍ତି। ସେହପରି ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ସବ ଦିନ ମା'ଙ୍କ ପୀଠରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉପରୋକ୍ତ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜୁଲାଇ ୩ରେ ସମୀକ୍ଷା କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୁରଲୀଧର ସାହୁ, ରାଜେନ୍ଦ୍ର ସିଂ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରର ମହାପ୍ରବନ୍ଧକ ପି.ବି. ରେଡ୍ଡୀ, ମୁରଲୀଧର ମିଶ୍ର, ନୀଳମଣି ସାହୁ, ବି.ସି. ତ୍ରିପାଠୀ, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଚତୁର୍ଭୁଜ ଦାସ, ଅଭୟ କୁମାର ଗଡନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସାମାଜିକକର୍ମୀମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସଦସ୍ୟ, ଜନପ୍ରତିନିଧି ଓ ଅଧିକାରୀମାନେ।



■ପ୍ରତିଶ୍ରୁତିରେ ଦିନ ଗଡାଉଛନ୍ତି ଖଣି କର୍ତ୍ତୃପକ୍ଷ, ପ୍ରଶାସନ

# ଖଣିବନ୍ଦ ଆନ୍ଦୋଳନରେ ଜରଡାବାସୀ

କଣିହାଁ, ୨୮।୬ (ଡି.ଏନ.ଏ.)

ବାରମ୍ବାର ଦାବି ଆନ୍ଦୋଳନ ସତ୍ତ୍ୱେ ପ୍ରଶାସନ ଏବଂ ଖଣି କର୍ତ୍ତୃପକ୍ଷ ସେମାନଙ୍କ ଅଧିକାରକୁ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି କଣିହାଁ ବ୍ଲକ ଜରଡା ଗ୍ରାମବାସୀ। ପ୍ରତିବାଦରେ ସେମାନେ ଶୁକ୍ରବାର ଏମ୍‌ସିଏଲର କଣିହାଁ କୋଇଲା ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ କଣିହାଁ ଖୋଲା ମୁହଁ ଖଣିରୁ ଖନନ, ଉତ୍ତୋଳନ, ପରିବହନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ୧୯୯୫ରୁ କୋଇଲା ଖଣି ପାଇଁ ଲୋକଙ୍କ ଜମି ଅଧିଗ୍ରହଣ କରାଯାଇଛି। ପରେ ଜମି ଓ ବାସହରାଙ୍କୁ ପଥରମୁଣ୍ଡା କିମ୍ବା ଟାକୁଆରେ ଥଇଥାନ ପାଇଁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଥିଲେ ହେଁ ଏହା ପୂରଣ ହେଉନାହିଁ। ଫଳରେ ଖଣିଠାରୁ ମାତ୍ର ୩ ଶହ ମିଟର ଦୂରରେ ଜରପଡା ଗ୍ରାମବାସୀ ରହୁଥିବାରୁ ବହୁ ସମସ୍ୟା ଭୋଗୁଛନ୍ତି। ଖଣିରେ ବ୍ଲାଷ୍ଟିଂ ହେଉଥିବା ଯୋଗୁ ଅଞ୍ଚଳରେ ପ୍ରଦୂଷଣ ସମସ୍ୟା ବଢିବା ସହ ପାନୀୟ ଜଳ ଅଭାବ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଏଥିସହ ନିଯୁକ୍ତି କିମ୍ବା ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯାଉନାହିଁ। ଏ ନେଇ ସରକାର ଓ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। କଣିହାଁ ତହସିଲଦାର ଅଂଶୁମାନ ଶତପଥୀ, ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସମାଧାନ ହୋଇପାରିନାହିଁ। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଛି।

■ଗିରାଙ୍ଗ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ସମୀର ୱାରିୟର୍ସ ଚାମ୍ପିୟନ



ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

ବଅଁରପାଳ, ୨୮।୬ (ଡି.ଏନ୍.ଏ)

ବଅଁରପାଳ ବ୍ଲକ ଗିରାଙ୍ଗ ବଜରଙ୍ଗୀ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ଗିରାଙ୍ଗ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ୭ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ସମୀର ୱାରିୟର୍ସ ଓ ବ୍ଲାକ ରାଇନୋ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମୀର ୱାରିୟର୍ସ ବ୍ୟାଟିଂ କରି ୧୦ ଓଭରରେ ୯୩ ରନ୍ କରିଥିଲା। ଜବାବରେ ବ୍ଲାକ ରାଇନୋ ୮୭ ରନ କରି ପରାଜିତ ହୋଇଛି। ସୁଶେନ ଗଡ଼ନାୟକ ଓ ନିରଞ୍ଜନ ନାଏକ ଖେଳ ପରିଚାଳନା କରିଥିଲେ। ଯୁବନେତା ଅରୁନବ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ ସୁଜିତ ଗଡ଼ନାୟକ, ବିକାଶ ଗଡ଼ନାୟକ, ନଗେନ୍ଦ୍ର ଗଡ଼ନାୟକ, ମନୋଜ ନାଏକ, ସଞ୍ଜିତ ସାମଲ, ବୁଲୁ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

### ସଇନାଳି ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ ଦାବି

ତାଳଚେର,୨୮।୬(ନି.ପ୍ର.)

ସଇନାଳି ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଦାବି ହୋଇଛି। ଶୁକ୍ରବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ମଙ୍ଗଳା ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ସ୍କୁଲରେ ୧୫ ଜଣ ପିଲା ପଢୁଛନ୍ତି। କିନ୍ତୁ ଏହି ସ୍କୁଲକୁ ପ୍ରୋଜେକ୍ଟ ବିଦ୍ୟାଳୟରେ ମିଶାଇବା ପାଇଁ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଉକ୍ତ ବିଦ୍ୟାଳୟ ଗ୍ରାମ ଠାରୁ ପାଖାପାଖି ଦେଢ଼ କିଲୋମିଟର ଦୂରରେ ରହିଛି। ଏତେ ଦୂରକୁ ଛୋଟ ପିଲାମାନେ ଯାଇପାରିବେ ନାହିଁ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ତେଣୁ ସଇନାଳି ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି।

### ବିଜେଡି କର୍ମୀଙ୍କ ପରଲୋକ

ଛେଣ୍ଡିପଦା,୨୮।୬(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଗ୍ରାମର ବରିଷ୍ଠ ବିଜେଡି କର୍ମୀ ଋଷି କୁମାର ସାହୁ(୬୫)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଅସୁସ୍ଥ ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବ୍ଲକ ସଭାପତି ଶ୍ରୀଧର ଗଡନାୟକ, ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବରିଷ୍ଠ ନେତା ଋଷଭ ମାଝୀ, ଶିଶିର ଗଡନାୟକ ପ୍ରମୁଖ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ।

# ସ୍କୁଲରେ ଉପସ୍ଥାନ ଯାଞ୍ଚ ମେଶିନ ଲଗାଇବାକୁ ଦାବି



ବୈଠକରେ ଯୋଗଦେଇଥିବା ଅଭିଭାବକମାନେ।

ବନ୍ତଲା, ୨୮।୬(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ସହିତ ଉପସ୍ଥାନ ଯାଞ୍ଚ ପାଇଁ ବାୟୋମେଟ୍ରିକ ପଚିଂ ମେଶିନ ଲଗାଇବା ପାଇଁ ଶୁକ୍ରବାର ଅନୁଷ୍ଠିତ ଅଭିଭାବକ ସାଧାରଣ ବୈଠକରେ ଦାବି ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଭିଭାବକମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଠାରେ ମୋଟ ୩୪୬ ଛାତ୍ରୀଛାତ୍ର ପଢୁଥିଲେ ମଧ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍କୁଲକୁ ବହୁ ବିଳମ୍ବରେ ଆସିବା ସହ ଅପରାହ୍ନ ୨ଟା ପୂର୍ବରୁ ପଳାଇଯାଉଥିବା ଅଭିଯୋଗ ହୋଇଥିଲା। ଏଥିଯୋଗୁ ବିଦ୍ୟାଳୟରେ ଠିକ୍ ଭାବେ ଶିକ୍ଷାଦାନ ହେଉ ନ ଥିବା ଅଭିଭାବକମାନେ କହିଥିଲେ। ତେଣୁ ସମସ୍ତ ଛାତ୍ରୀଛାତ୍ର ସ୍କୁଲକୁ ଆସି ସାରିବା ପରେ ବିଦ୍ୟାଳୟର ଦୁଇଟି ଗେଟରେ ସକାଳ ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ତାଲା ପକାଇବା, ଜରୁରୀ ସମୟରେ ପ୍ରଧାନଶିକ୍ଷକଙ୍କଠାରୁ ଅନୁମତି ଆଣି ଗେଟ ଖୋଲାଯିବା, ବିଳମ୍ବରେ ଆସୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍କୁଲରେ ପ୍ରବେଶ କରା ନ ଯିବା, ଆସିବା ଓ ଯିବା ସମୟରେ ରେଜିଷ୍ଟରରେ ଦସ୍ତଖତ କରିବା, ସ୍କୁଲ ପରିସରରେ ସିସିଟିଭି କ୍ୟାମେରା ଓ ବାୟୋମେଟ୍ରିକ ପଚିଂ ମେଶିନ ଲଗାଯିବା ଆଦି ପାଇଁ ଦାବି ହୋଇଥିଲା। ଏହାଦ୍ୱାରା ଶିକ୍ଷାଦାନରେ ସୁଧାର ଆସିବା ସହ ବିଦ୍ୟାଳୟର ମାନ ବୃଦ୍ଧି ହେବ ବୋଲି ଅଭିଭାବକମାନେ କହିଥିଲେ। ଶିକ୍ଷକ ମନୋଜ ପ୍ରଧାନ, ଗୌରାଙ୍ଗ ସାହୁ, ମହେଶ୍ୱର ଦେହୁରୀ, ବିବେକାନନ୍ଦ ମହାକୁଡ଼, ଗୀତାଞ୍ଜଳି ଦୁବେଦୀ, ସୀମା ଦେହୁରୀ, ମଧୁସ୍ମିତା ସାହୁଙ୍କ ସମେତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦେଇଥିଲେ।

# ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ




ତାଲିମ କାର୍ଯ୍ୟକ୍ରମରେ ଅତିଥିମାନେ।

ବଅଁରପାଳ, ୨୮।୬(ଡି.ଏନ.ଏ.)

ବଅଁରପାଳ ବ୍ଲକ ପରିସରରେ ଶୁକ୍ରବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନାରେ ଏକ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଭୋଇ, ବ୍ଲକ ପ୍ରକଳ୍ପ ପରିଚାଳିକା ସୁନିତା ପାଲ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ବେକାର ଯୁବତୀ ଯୁବକମାନଙ୍କୁ ତାଲିମ ଦିଆଯାଇ କିପରି ରୋଜଗାରକ୍ଷମ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ୬ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗ ଦେଇଥିଲେ। ୩, ୬, ୯ ମାସ ଓ ୧ ବର୍ଷ ପର୍ଯ୍ୟନ୍ତ ଅବଧିର ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଶିବିରରେ ସୂଚନା ଦିଆଯାଇଥିଲା। ୧୫ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଯୁବତୀଯୁବକଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ତାଲିମ ସହ ରହିବା, ଖାଇବା, ପୋଷାକ ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟସେବା, ନିର୍ମାଣ କାର୍ଯ୍ୟ, ଯାନବାହନ ମରାମତି, ସିଲେଇ ମେଶିନ ଚାଳନା, ୱେଲଡ଼ିଂ ମିସ୍ତ୍ରି, ଫିଟର, ବୈଦ୍ୟୁତିକ କାର୍ଯ୍ୟ, ହିସାବ ପତ୍ର, ଖୁଚୁରା ବ୍ୟବସାୟ ଓ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ସୁବିଧା ରହିଥିବା ଏହି ଶିବିରରେ କୁହାଯାଇଥିଲା।

■ରାସ୍ତା ଦୁର୍ଘଟଣା ହ୍ରାସ ପାଇଁ ପଦକ୍ଷେପ

# ଲୋକଙ୍କୁ ସଚେତନ କରିବ ବିକଳ୍ପ ବିକାଶ

ଅନୁଗୋଳ ଅଫିସ, ୨୮।୬

ଭାରତ ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ସହାୟତାରେ ଅନୁଗୋଳ ଜିଲାରେ ସାମାଜିକ ସଙ୍ଗଠନ ବିକଳ୍ପ ବିକାଶ ପକ୍ଷରୁ ବିଭିନ୍ନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଜିଲାର ୮ଟି ବ୍ଲକରେ ରହୁଥିବା ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଡ଼କ ସୁରକ୍ଷା ପାଇଁ ସଚେତନ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶୁକ୍ରବାର ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ କହିଛନ୍ତି ଯେ, ଦୁର୍ଘଟଣା ହ୍ରାସ ପାଇଁ ଅନୁଗୋଳ ସହ ତାଳଚେର, ପାଲଲହଡ଼ା ଓ ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ସ୍ଥାନରେ ସାଧାରଣ ସଭାମାନ କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ସଡ଼କ ସୁରକ୍ଷା ଟାସ୍କ ଫୋର୍ସ ସଭ୍ୟା ଓ ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିସହ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ସାଇକେଲ ରାଲି, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ପାଲା, ପଥପ୍ରାନ୍ତ ନାଟକ, ମ୍ୟୁଜିକ୍ ଶୋ ସହ ଗଣମାଧ୍ୟମ ଜରିଆରେ ମଧ୍ୟ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ। ସେହିପରି ଦୁଇ ଚକିଆଯାନ ଚଳାଉଥିବା ଲୋକଙ୍କ ପାଇଁ ହେଲମେଟ ଓ ଚାରିଚକିଆ ଯାନ ଚଳାଉଥିବା ବ୍ୟକ୍ତି ଯେପରି ସିଟ୍ ବେଲ୍ଟ ବାନ୍ଧିବେ ସେ ନେଇ ଉଦ୍ୟମ କରାଯିବ। ଭାରିଯାନ ଚାଳକମାନଙ୍କ ଦୃଷ୍ଟି ପରୀକ୍ଷା ସହ ପ୍ରାଚୀର ପତ୍ର ଲିଖନ ଇତ୍ୟାଦି କାର୍ଯ୍ୟକ୍ରମମାନ କରାଯିବାକୁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମ ସବୁ ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ସହ ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସହଯୋଗ ଲୋଡ଼ାଯିବ। ସଡ଼କ ସୁରକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ ଅଞ୍ଚଳରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କୁ ଦୁଇ ଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଜିଲା ସଡ଼କ ସୁରକ୍ଷା କ୍ଲବର ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଜାତୀୟ ରାଜପଥ ପାଖରୁ ଆରମ୍ଭ କରି ଗ୍ରାମାଞ୍ଚଳ ରାସ୍ତାରେ କିପରି ଦୁର୍ଘଟଣାରୁ ବର୍ତ୍ତିହେବ ସେ ନେଇ ତଥ୍ୟ ପ୍ରଦାନ କରିଥିଲେ। ଆସନ୍ତା ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ନିର୍ଦ୍ଦେଶକ ଦାସ ପ୍ରକାଶ କରିଛନ୍ତି।




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ବାଲ୍ୟ ବିବାହ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ
ସ୍ଥାନ: ଡିଇଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୨୮ା୬(ଡି.ଏନ୍.ଏ.):** କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଶୁକ୍ରବାର ଆୟୋଜିତ କ୍ୟାମ୍ପ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ପରଜଙ୍ଗ ଥାନା ଅଞ୍ଚଳର ଅଭିଯୁକ୍ତ ନରେଶ ସିଂ(୨୫)ଙ୍କୁ ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତ ବିଚାରପତି ରାଜକିଶୋର ମହାପାତ୍ର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ବରିଷ୍ଠ ଆଇନଜୀବୀ ମନ୍ମଥ କୁମାର ମିଶ୍ର ଏବଂ ସର୍ବଜିତ୍ ଜୀ ପରିଚାଳନା କରିଥିଲେ। ୨୦୧୮ ଏପ୍ରିଲ୍ ୧୦ରେ ସମ୍ପୃକ୍ତା ନାବାଳିକାଙ୍କ ମା' ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ମା'ଙ୍କୁ ଡାକିବାକୁ ଯାଉଥିବାବେଳେ ନାବାଳିକାଙ୍କୁ ଏକୁଟିଆ ପାଇ ନରେଶ ଟେକିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଏପ୍ରିଲ ୧୧ରେ ନଂ. ୭୯/୧୮ ଏବଂ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା।

### ଦେଓଗାଁ ସ୍କୁଲରେ ପିଟିଏ ବୈଠକ

**ଢେଙ୍କାନାଳ ଅଫିସ, ୨୮ା୬:** ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଜ୍ଜ୍ୱଳ ପାଠ୍ୟପୁସ୍ତକରେ ଥିବା ଶିକ୍ଷଣ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସରପଞ୍ଚ ତଥା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ସାଗରିକା ସାହୁ ଯୋଗଦେଇ ମାସିକ ମୂଲ୍ୟାୟନ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ହରିହର ସାହୁ, ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତାପ୍ରଭା ସାହୁ, ସଂଜ୍ଞା ସାଗରିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କାନ୍ଥ ପଡ଼ି ୧୮ ଛେଳି ମୃତ

**ମାଧପୁର,୨୮ା୬-** ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ ସର୍ଗିଶ୍ରେଣୀ ଗ୍ରାମରେ ଗୁରୁବାର ରାତିରେ ଗୁହାଳ କାନ୍ଥ ମାଡ଼ି ବସିବାରୁ ୧୮ଟି ଛେଳିର ମୃତ୍ୟୁ ଘଟିଛି। ଗ୍ରାମର ସଞ୍ଜୟ ପ୍ରଧାନଙ୍କ ଛେଳି ଗୁହାଳ ନିକଟରେ ଥିବା ଗଛ ଗୁହାଳ ଉପରେ ମାଡ଼ିବସିଥିଲା। ଫଳରେ କାନ୍ଥ ଭାଙ୍ଗି ୧୮ ଛେଳିଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳୁ ମାଧପୁର ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ସଞ୍ଜୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ନାଗ ସାପ ଉଦ୍ଧାର

**ମାଧପୁର,୨୮ା୬:** ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ବେଳଦୁଲା ଗ୍ରାମରୁ ଏକ ୪ ଫୁଟ୍ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। ଗ୍ରାମର ଜଣଙ୍କ ଘରେ ସାପଟିକୁ ଦେଖିବାକୁ ମିଳିଥିଲା। ଖବରପାଇ ବୌଦ୍ଧ ସ୍ନେକ ହେଲ୍ପ ଲାଇନର ସଦସ୍ୟମାନେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

■ଗୋଠଛଡ଼ା ହାତୀ ଶାବକ ଚିନ୍ତାରେ ବନ ବିଭାଗ

# ପାଟିରେ ଘା', ବିଗୁଡୁଛି ସ୍ୱାସ୍ଥ୍ୟ

**ଢେଙ୍କାନାଳ ଅଫିସ, ୨୮ା୬**


ଅସୁସ୍ଥ ହାତୀ ଶାବକ।

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ରାସୋଳ ଥାନା ଅଧୀନ କନ୍ଧରା ସଂରକ୍ଷିତ ଜଙ୍ଗଲରେ ଗୋଠରୁ ଅଲଗା ହୋଇଯାଇଥିବା ହାତୀ ଶାବକର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତାରେ ପଡ଼ିଛି ବନ ବିଭାଗ। ବାରମ୍ବାର ଉଦ୍ୟମ ସତ୍ତ୍ୱେ ହାତୀ ଛୁଆ ଜଙ୍ଗଲକୁ ଯାଉନାହିଁ। ଅନ୍ୟପଟେ ପାଟିରେ ଘା' ହୋଇଯାଇଥିବାରୁ ସେ ଖାଦ୍ୟ ହଜମ କରିପାରୁନାହିଁ। ତା'ର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଜୁନ୍ ୨୬ରେ ଶିମିଳିପାଳରୁ ଆସିଥିବା ବିଶେଷଜ୍ଞ ଦଳ ହାତୀ ଛୁଆର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତଥାପି ଏହାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉନାହିଁ। କପିଳାସ ଚିଡ଼ିଆଖାନା ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ୪ ହାତୀ ରହିଥିବାବେଳେ ସେଠାରେ ସଂଖ୍ୟା ବୃଦ୍ଧି କରିବା କାଠିକର ପାଠ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ମା' ପଲରେ ନ ମିଶାଇଲେ ଶାବକକୁ କେଉଁଠାରେ ରଖାଯିବ ସେ ନେଇ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି ବନ ବିଭାଗ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର କୁହନ୍ତି, ବନ ବିଭାଗ ପକ୍ଷରୁ ହାତୀ ଶାବକକୁ ପୁନର୍ବାର ପଲରେ ଛଡ଼ାଯିବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। କପିଳାସ ଚିଡ଼ିଆଖାନାରେ ହାତୀ ଛୁଆକୁ ରଖିବା ସମ୍ଭବପର ହେଉନାହିଁ। ହାତୀ ଛୁଆକୁ ନେଇ କ'ଣ କରାଯିବ ସେଥିଲାଗି ଚିନ୍ତା କରାଯାଉଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ମାଈ ହାତୀ ଶାବକର ଆନୁମାନିକ ବୟସ ୨ ବର୍ଷ ହେବ। ୫ଦିନ ତଳେ ମା'ଠାରୁ ଅଲଗା ହୋଇ ସେ ଜନବସତିକୁ ପଳାଇ ଆସିଥିଲା। ଅଞ୍ଚଳବାସୀ ତାକୁ ଉଦ୍ଧାର କରି ସ୍ଥାନୀୟ ବନ ବିଭାଗର ଜିମା ଦେଇଥିଲେ।

## 'ପ୍ରତିଭା ବିକାଶ ପାଇଁ ଉଦ୍ୟମ ହେଉ'

**ଢେଙ୍କାନାଳ ଅଫିସ, ୨୮ା୬**

ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପରିସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋରଞ୍ଜନ ନନ୍ଦ ଯୋଗଦେଇ କହିଲେ, ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ବରିଷ୍ଠ ବର୍ଗରେ ସିଦ୍ଧି ମିଶ୍ର, ପ୍ରତୀକ ବେହେରା, ସାବିତ୍ରୀ ମହାରଣା, ଓମ୍‌କାର ମାଟି, କନିଷ୍ଠ ବିଭାଗରେ ଆଦିକ ନନ୍ଦ, ଆଶିଷ କୁମାର ନନ୍ଦ, ସୌମେଶ ସାହୁ, ରୁଦ୍ର ନାରାୟଣ ସାହୁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ଶରତ ମିଶ୍ର, ଚକ୍ରଧର ସାହୁ, ସୁଗ୍ରୀବର ସାହୁ, ସାରଙ୍ଗଧର ମିଶ୍ର, ପରେଶ ପଟ୍ଟନାୟକ, ରାଧାନାଥ ରଥ, ମାକ୍ଷିତମାମି ମହାପାତ୍ର, ପୁଷ୍ପଲତା ରଥ ଯୋଗଦେଇଥିଲେ। ଜିଲା ସଂସ୍କୃତି ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଯୋଜକ ଅବନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

■ଜିଲା ଟାସ୍କଫୋର୍ସ ବୈଠକ

# 'ମିଳିତ ଚେଷ୍ଟାରେ ରୋକିହେବ ବାଲ୍ୟ ବିବାହ'



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୮ା୬**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ଜିଲା ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରି କହିଲେ, ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ଏହାକୁ ରୋକିବାକୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ପଞ୍ଚାୟତିରାଜ, ଶ୍ରମ, କ୍ରୀଡ଼ା, ସମାଜ ମଙ୍ଗଳ, ଶିଶୁ ସୁରକ୍ଷା, ମିଶନ ଶକ୍ତି, ବିଜୁ ଯୁବ ବାହିନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ଲୋଡ଼ା। ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇପାରିଲେ ବାଲ୍ୟ ବିବାହ ଭଳି ସାମାଜିକ କୁସଂସ୍କାରକୁ ରୋକାଯାଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବାଲ୍ୟ ବିବାହ ରୋକିବା ଲାଗି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି।

ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଦ୍ୟୁତ୍ ନନ୍ଦ, ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ବିଭାଗ, ଜିଲା ସମାଜ ମଙ୍ଗଳ ବିଭାଗ, ଶିଶୁ ମଙ୍ଗଳ ସମିତି, ଚାଇଲ୍ଡ ଲାଇନ, ୟୁନିସେଫ୍, ପୋଲିସ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଆର୍ଥିକ ଶିକ୍ଷା କର୍ମଶାଳା



**ଢେଙ୍କାନାଳ ଅଫିସ, ୨୮ା୬:**

ଢେଙ୍କାନାଳ ସହର ଗୋପାଳସାଗର କ୍ଲଷ୍ଟର ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କ ପାଇଁ 'ସେବି' ପକ୍ଷରୁ ଏକ ଆର୍ଥିକ କର୍ମଶାଳା ସ୍ଥାନୀୟ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳସାଗର ଶିକ୍ଷା ସଙ୍କୁଳର ୩୦ଜଣ ଶିକ୍ଷୟିତ୍ରୀ ଏଥିରେ ଯୋଗଦେଇଥିଲେ। ସଂଯୋଜକ ବିଷ୍ଣୁ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ 'ସେବି'ର ସାଧନ କର୍ମୀ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ଅବସରକାଳୀନ ପୁଞ୍ଜି ବିନିଯୋଗରେ ଉପଲବ୍ଧ ବିଭିନ୍ନ ସୁବିଧାସୁଯୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅବସର ସମୟକୁ ଦୃଷ୍ଟିରେ ରଖି ସଅଳ ପୁଞ୍ଜି ନିବେଶ କରାଗଲେ ଭବିଷ୍ୟତରେ ଏହା କିଭଳି ନିଜର ବୋଝ ହାଲୁକା କରିବାରେ ସହାୟକ ହୋଇପାରିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା।

## ପକ୍କାଘର ଆବଣ୍ଟନ ତାଲିକାରେ ହେରଫେର

**ହାଟଡିହୀ, ୨୮ା୬(ଡି.ଏନ୍.ଏ.)**

ସରକାରୀ ପକ୍କାଗୃହ ଯୋଗାଣ ଲାଗି ପ୍ରସ୍ତୁତ ହୋଇଥିବା ହିତାଧିକାରୀଙ୍କ ତାଲିକାକୁ ନେଇ କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି । ଏହି ବ୍ଲକ ଅଧୀନ ୩୧ ପଞ୍ଚାୟତରେ ଏସଇସିସି ତାଲିକାକୁ ଭିତ୍ତି କରି ଏବେ ବ୍ଲକ ପ୍ରଶାସନ ତରଫରୁ ପର୍ଯ୍ୟାୟକ୍ରମେ ଗୃହ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ପଞ୍ଚାୟତ ପକ୍ଷରୁ ବ୍ଲକ କାର୍ଯ୍ୟାଳୟକୁ ଦିଆଯାଇଥିବା ତାଲିକାରେ ଅନେକ ଉପଯୁକ୍ତ ହିତାଧିକାରୀଙ୍କ ନାମ ନ ଥିବା ଅଭିଯୋଗ ହୋଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ତାଲିକା ପ୍ରସ୍ତୁତ କରାଯାଇଥିବା ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଚଞ୍ଚକତା କରି ବାହାର ଜିଲାର ଲୋକଙ୍କୁ ମଧ୍ୟ ତାଲିକାଭୁକ୍ତ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇ ଏହାର ବିଧିବଦ୍ଧ ତଦନ୍ତ ଦାବି କରାଯାଇଛି। ଏ ସମ୍ପର୍କରେ ବିଡିଓ ସୁଶାନ୍ତ ବାରିକଙ୍କୁ ପଚାରିବାରୁ କହିଛନ୍ତି, ପଞ୍ଚାୟତ ପକ୍ଷରୁ ମିଳିଥିବା ତାଲିକା ଅନୁସାରେ ଏବେ ଗୃହ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁମାନେ ଗୃହ ପାଇନାହାନ୍ତି ସେମାନଙ୍କ ଅଭିଯୋଗକୁ ଅନୁଧ୍ୟାନ କରି ପରେ ପଦକ୍ଷେପ ନିଆଯିବ ।

■ଘୋଷଯାତ୍ରା ଦେଖିବାକୁ ଶ୍ରୀକ୍ଷେତ୍ରକୁ ପଦଯାତ୍ରା

# ସାମିଲ ହେଲେ ୬୦ରୁ ଊର୍ଦ୍ଧ୍ୱ ଜଗନ୍ନାଥପ୍ରେମୀ

**ଭୁବନ, ୨୮ା୬(ଡି.ଏନ୍.ଏ.)**


ପୁରୀ ଅଭିମୁଖେ ବାହାରିଥିବା ଜଗନ୍ନାଥପ୍ରେମୀ।

କୁହାଯାଏ ଭକ୍ତର ଭଗବାନ। ଭକ୍ତ ପାଇଁ କେବେ ଶରଧା ବାଲିରେ ଅଟକିଛି ରଥ ତ ଆଉ କେବେ ପ୍ରିୟ ଭକ୍ତ ହାତରୁ ନଡ଼ିଆ ନେଇଛନ୍ତି ମହାବାହୁ। କାଳିଆ ଠାକୁରଙ୍କ ଏମିତି ଅନେକ ଲୀଳାର ମୂକସାକ୍ଷୀ ପାଲଟିଛି ଶ୍ରୀକ୍ଷେତ୍ର। ପବିତ୍ର ଘୋଷଯାତ୍ରାରେ ଭକ୍ତଙ୍କୁ ଦର୍ଶନ ଦେବାକୁ ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ମହାପ୍ରଭୁ। ଆଉ ଭକ୍ତ-ଭଗବାନ ମଧ୍ୟରେ କମିଯାଏ ଦୂରତା। ଘୋଷଯାତ୍ରାରେ ସାରା ବିଶ୍ୱରୁ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବାବେଳେ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ଏବେଠାରୁ ରାଜ୍ୟବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଲାଣି ବେଶ୍ ଉତ୍ସାହ।

ଏହି ପରିପ୍ରେକ୍ଷୀରେ ଭୁବନ ଏନ୍‌ଏସିର ୬୦ରୁ ଊର୍ଦ୍ଧ୍ୱ ଜଗନ୍ନାଥପ୍ରେମୀ ଶୁକ୍ରବାରଠାରୁ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଛନ୍ତି ପଦଯାତ୍ରାରେ। ଏ ନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସଂକୀର୍ତ୍ତନର ତାଳେତାଳେ ସମସ୍ତେ ଯାତ୍ରା ଆରମ୍ଭ କରିଛନ୍ତି। ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଅବସରରେ ପୁରୀରେ ପହଞ୍ଚିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ପଦଯାତ୍ରାର ନେତୃତ୍ୱ ନେଉଥିବା ସଂକୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରା, ଜଗନ୍ନାଥ ସେବକ ଖଗେଶ୍ୱର ସାହୁ କହିଛନ୍ତି।

ଏ ନେଇ ହୃଦାନନ୍ଦ କୁହନ୍ତି, ଭୁବନ ଅଞ୍ଚଳରୁ ଘୋଷଯାତ୍ରା ଦେଖିବାକୁ ପ୍ରତିବର୍ଷ ବହୁ ଶ୍ରଦ୍ଧାଳୁ ପାଦରେ ଚାଲିଚାଲି ଯାଇଥାନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ମାନସିକଧାରୀ ମଧ୍ୟ ସାମିଲ ହୋଇଥାନ୍ତି। ଏହି ପରମ୍ପରା ୫୦ ବର୍ଷର ପୁରୁଣା। ପୁରୀ ଯିବା ବାଟରେ ଢେଙ୍କାନାଳ ପାଳଗାଣ୍ଡୁଆ ଶିବମନ୍ଦିର, କଟକର କୁସୁନପୁର ଶିବମନ୍ଦିର, କଟକ ଜିଲା କାଠଯୋଡ଼ି ତାରିଣୀ ମନ୍ଦିର, ଭୁବନେଶ୍ୱର ଉତ୍ତରା ଛକ ରାମମନ୍ଦିର, ସାତଶଙ୍ଖ ବୁଦ୍ଧେଶ୍ୱର ମନ୍ଦିର ଏବଂ ବୀରହରେକୃଷ୍ଣପୁର ଶିବମନ୍ଦିରରେ ରହଣି ବ୍ୟବସ୍ଥା କରାଯାଇଛି। ଠାକୁରଙ୍କ ଦର୍ଶନ ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଏପରି ଅଭିନବ ପ୍ରୟାସ କରାଯାଉଥିବା ସେ କହିଛନ୍ତି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ତେଲକୋଇ, ୨୮ା୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ବିଞ୍ଜବାହାଳ ଗ୍ରାମର ମିନକେତନ ଦାନୀ(୪୦) ନାମକ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ନିକଟସ୍ଥ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇ ଗଛରେ ଟାଙ୍ଗି ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ଏକ ମାମଲା (ନଂ.୨୦/୧୯) ରୁଜୁ କରି ତଦନ୍ତ କରୁଛି। ଏହା ହତ୍ୟା କି ଆତ୍ମହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି।

ମୃତ ଯୁବକଙ୍କ ବଡଭାଇ ବିବେକାନନ୍ଦ ଦାନୀ ତାଙ୍କୁ ଭାଇଙ୍କୁ ମାରି ଦିଆଯାଇଛି ବୋଲି ଶୁକ୍ରବାର ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ, ମୀନକେତନ ଏକ ୨ଚକିଆ ଗାଡି ଫାଇନାସ୍‌ରେ ଆଣିଥିଲେ । ଅଭାବ ଯୋଗୁଁ ନିକଟସ୍ଥ ପାଲଲହଡା ଉପଖଣ୍ଡ ଥାନା ଡାଲ ଗ୍ରାମରେ ଏହି ଗାଡିକୁ ୫ହଜାର ଟଙ୍କାରେ ବନ୍ଧା ପକାଇଥିଲେ । ଉକ୍ତ ଗାଡି ଆଣିବାକୁ ସେ ଗୁରୁବାର ଡାଲ ଗ୍ରାମକୁ ଯାଇଥିଲେ। ପରେ ଘରଠାରୁ ୨ କି.ମି. ଦୂର ଜଙ୍ଗଲ ରାସ୍ତାର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ସେ ଖବର ପାଇଥିଲେ। ଏହା ଆତ୍ମହତ୍ୟା ନୁହେଁ ହତ୍ୟାକାଣ୍ଡ ବୋଲି ସେ ସନ୍ଦେହ କରୁଥିବା ପୋଲିସକୁ ଜଣାଇଛନ୍ତି।

■ଶହୀଦଙ୍କ ଏକାଦଶାହରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

# ଶୂନ୍ୟସ୍ଥାନ ସୃଷ୍ଟି କରିଦେଲେ ଅଜିତ୍

**କାମାକ୍ଷାନଗର, ୨୮ା୬(ଡି.ଏନ୍.ଏ.)**


ଶହୀଦ ଅଜିତ୍‌ଙ୍କ ଏକାଦଶାହ ଅବସରରେ ଏକାଠି ହୋଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଜମ୍ମୁକଶ୍ମୀର ଅନନ୍ତନାଗ ଜିଲାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା କାମାକ୍ଷାନଗର ବ୍ଲକ ବଡସୁଆଁଳ ଗ୍ରାମର ଅଜିତ୍ ସାହୁଙ୍କ ଶୁକ୍ରବାର ଥିଲା ଏକାଦଶାହ। ଅଜିତ୍‌ଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏକାଠି ହୋଇଥିଲେ ରାଜନେତା, ବୁଦ୍ଧିଜୀବୀ, ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ସମେତ ଆତ୍ମୀୟସ୍ୱଜନ। ସେମାନେ ଶହୀଦଙ୍କ ସ୍ମୃତିଚାରଣ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଅଜିତ୍ ସମସ୍ତଙ୍କ ମନରେ ବିରାଟ ଶୂନ୍ୟସ୍ଥାନ ଛାଡ଼ିଦେଇ ଗଲେ ବୋଲି ଅନେକେ ମତଦେଇଥିଲେ।

ଏ ନେଇ ଅଜିତଙ୍କ ବାପା ସନ୍ତୋଷ ସାହୁ କୁହନ୍ତି, ପୁଅ ଶହୀଦ୍ ହେବାର ୧୧ଦିନ ବିତିଗଲାଣି। ସେ ଦୂରକୁ ଚାଲିଯାଇଥିବା ଟିକେ ବି ଅନୁଭବ ହେଉନି। ଏମିତି ଲାଗୁଛି, ସେ ପ୍ରତି ମୁହୂର୍ତ୍ତରେ ଆମ ସହିତ ରହିଛି। ପୁଅ ଶହୀଦ ହେବା ଖବର ପ୍ରଚାରିତ ହେବା ଦିନରୁ ରାଜନେତା, ସାଙ୍ଗସାଥୀ ଆସି ବହୁତ ବୁଝାଇଛନ୍ତି। ପୁଅ ଶହୀଦ ହେବା ଘଟଣାରେ ଯେତିକି ଗର୍ବ ହେଉଛି, ସେତିକି ଦୁଃଖ ବି ଲାଗୁଛି। କାରଣ ତା'ର ଅଭାବ କେହି ପୂରଣ କରିପାରିବେ ନାହିଁ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ ରବି ନାରାୟଣ ସାହୁ, ବସ୍ ମାଲିକ ସଂଘ ସମ୍ପାଦକ ଅଶ୍ୱିନୀ ମହାପାତ୍ର, ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସୁଧାଂଶୁ ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ସୁଶାନ୍ତ ପ୍ରଧାନ, ମଙ୍ଗୁଳଲାଲ କଟରକା, ସରପଞ୍ଚ ପଠାଣି ସାମନ୍ତ ଖୁଣ୍ଟିଆ, ଲଳିତ ସାହୁ, ସମିତିସଭ୍ୟ ରଶ୍ମିରଞ୍ଜନ ଖୁଣ୍ଟିଆ, ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ମେଧାବୀଙ୍କୁ ପୁରସ୍କୃତ କଲା ଜିଏମ୍ଆର୍


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ମେଧାବୀ ଛାତ୍ରୀଛାତ୍ର।

**ଢେଙ୍କାନାଳ ଅଫିସ, ୨୮ା୬**

ମାଟ୍ରିକ ପରୀକ୍ଷାରେ ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଓଡ଼ାପଡ଼ା ବ୍ଲକ ଜିଏମ୍ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍) ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଏବଂ କମଳାଙ୍ଗ ହାଇସ୍କୁଲର ୧୪ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ ହୋଇଛନ୍ତି। ଏ ନେଇ ଉଭୟ ହାଇସ୍କୁଲ୍‌ରେ ପୃଥକ୍ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଏମ୍ଆର ଭରଲକ୍ଷ୍ମୀ ଫାଉଣ୍ଡେଶନ ସିନିୟର ପ୍ରୋଗ୍ରାମ ଲିଡର ଦିଲୀପ କର, ଜିକେଇଏଲ୍ ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜୟ ଠାକୁର, ଭିତ୍ତି ସରଞ୍ଜନା ବିଭାଗ ମୁଖ୍ୟ ସୁଶୀଲ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର,୨୯ ଜୁନ /୨୦୧୯, Dhenkanal, Saturday June 29 / 2019




# ଢାବାରେ ଅଗ୍ନିକାଣ୍ଡ

**ବଅଁରପାଳ, ୨୮।୬ (ଡି.ଏନ୍.ଏ)**

ହିନ୍ଦୋଳ ଥାନା କଁସରା ଠାରେ ଥିବା ସାମଲ ବ୍ରଦର୍ସ ଢାବାରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଢାବାଟି ସମ୍ପୂର୍ଣ୍ଣ ଜଳିଯିବା ସହ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଢାବାରେ ଥିବା ଟିଭି, ଫ୍ରିଜ, ଟେବୁଲ, ଚେୟାର ଆଦି ବିଭିନ୍ନ ସରଞ୍ଜାମ ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଋଣ ବୋଝ: ସିଲ୍ ହେଲା ହୋଟେଲ

**ଅନୁଗୋଳ ଅଫିସ, ୨୮।୬**

ଅନୁଗୋଳ ସହରରେ ଥିବା ଏକ ହୋଟେଲକୁ ଶୁକ୍ରବାର ପ୍ରଶାସନ ସିଲ୍ କରିଛି। ୧୮ କୋଟିର ଋଣ ଭାର ଥିବାରୁ ଏହାକୁ ସିଲ୍ କରାଯାଇଥିବା ମାଜିଷ୍ଟ୍ରେଟ ତଥା ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ ସୂଚନା ଦେଇଛନ୍ତି। ଏହି ହୋଟେଲକୁ ଓଡ଼ିଶା ଷ୍ଟେଟ ଫାଇନାନ୍ସିଆଲ୍ କର୍ପୋରେଶନ (ଓଏସ୍ଏଫସି)କୁ ହସ୍ତାନ୍ତର କରାଯିବ। ଉକ୍ତ ହୋଟେଲ କର୍ତ୍ତୃପକ୍ଷ ଓଏସ୍ଏଫ୍ସି ନିକଟରୁ ଋଣ ଆଣି ନିବେଶ କରିଥିଲେ। ଋଣ ପରିଶୋଧ ନ କରିବାରୁ ଏହା ବଢ଼ି ୧୮ କୋଟିରେ ପହଞ୍ଚିଥିଲା। ୨୦୦୨ରେ ଏ ନେଇ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ମାମଲା ହେବା ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହୋଟେଲକୁ ସିଲ୍ କରାଯାଇଛି। କୋର୍ଟ ରଖିଥିବା ସର୍ତ୍ତ ପୂରଣ କଲେ କର୍ତ୍ତୃପକ୍ଷଙ୍କୁ ହୋଟେଲ ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି।

# ଭିଜିଲାନ୍ସ ଜାଲରେ ଟାପଢୋଲ ଫାଣ୍ଡି ଅଧିକାରୀ




ଜବତ ହୋଇଥିବା ଟଙ୍କା ଓ ଗିରଫ ଏଏସ୍ଆଇ।

**ବଇଣ୍ଡା,୨୮।୬(ଡି.ଏନ.ଏ.)**

ଏକ ମାମଲାରୁ ଜଣେ ଅଭିଯୁକ୍ତଙ୍କ ନାଁ କାଟିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କିଶୋରନଗର ବ୍ଲକ ଟାପଢୋଲ ଫାଣ୍ଡି ଅଧିକାରୀ(ଏଏସ୍ଆଇ) ଗଜେନ୍ଦ୍ର ବେହେରା। ଅନୁଗୋଳ ଓ କଟକ ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଛି। ଏ ନେଇ ଅନୁଗୋଳ ଭିଜିଲାନ୍ସ ପକ୍ଷରୁ ନଂ. ୧୬/୧୯ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଏଏସ୍ଆଇଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, କନ୍ତପଡ଼ା ଗ୍ରାମର ଜଗନ୍ନାଥ ବେହେରା, ତାଙ୍କ ବଡ଼ପୁଅ ଅମୂଲ୍ୟ ଓ ସାନପୁଅ ଅନିଲ ଗତ ୧୩ ତାରିଖରେ ସେହି ଗ୍ରାମର ସୁରେଶ ବେହେରା ଏବଂ ସୁନୀଲ ବେହେରାଙ୍କୁ ମାଡ଼ ମାରିଥିବା ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୫୯/୧୯ରେ ଏକ ମାମଲା ରୁଜୁ କରି ଟାପଢୋଲ ଫାଣ୍ଡି ଅଧିକାରୀ ବେହେରା ଏହାର ତଦନ୍ତ କରୁଥିଲେ। ତେବେ ଉକ୍ତ ମାମଲାରୁ ଅନିଲଙ୍କ ନାମକୁ ବାଦ ଦେବା ପାଇଁ ଅନ୍ୟତମ ଅଭିଯୁକ୍ତ ଜଗନ୍ନାଥ ତଦନ୍ତକାରୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ଏଏସ୍ଆଇ ଜଗନ୍ନାଥଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାପରେ ଜଗନ୍ନାଥ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଶୁକ୍ରବାର ଫାଣ୍ଡିରେ ଅଭିଯୁକ୍ତ ଜଗନ୍ନାଥଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଅନୁଗୋଳ ଭିଜିଲାନ୍ସ ଡିଏସପି ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢାଉ କରି ଏଏସ୍ଆଇ ଗଜେନ୍ଦ୍ର ବେହେରାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ କେମିକାଲ ବୋଳା ୫ ହଜାର ଟଙ୍କା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।






Cheil-1428/19

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ